# ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟରେ ବନ ମହୋତ୍ସବ

ନୟାଗଡ଼, ୧୫/୭ (ରାମକୃଷ୍ଣ ରଥ): "ସବୁଜିମା ଦ୍ୱାରା ପୃଥିବୀର ଉପଚାର କରିବା " ଏହି ଥିମରେ ପର୍ଯ୍ୟବେଶିତ ବନମହୋତ୍ସବ ଆଜି ପ୍ରଜାମଣ୍ଡଳ ମହାବିଦ୍ୟାଳୟରେ ବହୁ ଆଡ଼ମ୍ବର ସହକାରେ ପାଳନ କରାଯାଇଅଛି। ଯୁବ ରେଡକ୍ରସ୍ ଓ ଜାତୀୟ ସେବା ଯୋଜନା ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅଧକ୍ଷା ଶ୍ରୀମତୀ ସ୍ମିତା ରାଣୀ ରାଉତରାୟ ଉଦ୍ଘାଟନ କରିଥିଲେ । ଯୁବ ରେଡକ୍ରସ୍ କାଉନସିଲର ଶ୍ରୀମତୀ ମିନାକ୍ଷୀ ବାଳା ମିଶ୍ର ବନମହୋତ୍ସବ ପାଳନର ଉପାଦେୟତା ଓ ମହତ୍ତ୍ୱ ବିଷୟରେ ନିଜ ମତବ୍ୟକ୍ତ କରିଥିଲେ। ଅଧୁଖା ଶ୍ରୀମତୀ ରାଉତରାୟ "ବୃକ୍ଷ ରୋପଣ ଦ୍ୱାରା ଅମ୍ଳଜାନ ସ୍ତର, ପୃଥିବୀରେ ସବୁଜିମା ତଥା ବୃଷ୍ଟିପାତ ବୃଦ୍ଧି ହେବ। ସମସ୍ତେ ବୃକ୍ଷ ରୋପଣ କରି,ତାହାର ଯତ୍ନ ନେଇ ତାକୁ ବଞ୍ଚାଇ ରଖିବା" ବୋଲି ନିଜର ଅଭିଭାଷଣରେ କହିଥିଲେ।

ଥିମ୍ ର ତାତ୍ପର୍ଯ୍ୟ ବିଷୟରେ କୃଷ୍ଣା କୁମାରୀ ଦାଶ ନିଜର ବକ୍ତବ୍ୟ ରଖିଥିଲେ। ଏହା ପରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ ସ୍ୱେଚ୍ଛାସେବୀ ମାନେ ଫୁଲ ଗଛ ଲଗାଇଥିଲେ। ସ୍ୱେଚ୍ଛାସେବୀ ମାନେ ମହାବିଦ୍ୟାଳୟର ଛାତ୍ରୀ ଓ କର୍ମଚାରୀ ମାନଙ୍କୁ ୧୫୦ଟି ପିଜୁଳି, ଅମୃତଭଣ୍ଡା,ସଜନା, ଡାଳିମ୍ବ ଲେମ୍ବୁ ,ମନ୍ଦାର ,ଶାଗୁଆନ ପ୍ରଭୃତି ବଡ଼ ଗଛ ଚାରା ବଣ୍ଟନ କରିଥିଲେ।ଏ କାର୍ଯ୍ୟକ୍ରମକୁ ଯୁବ ରେଡକ୍ରସ୍ କାଉନସିଲର ଶ୍ରୀମତୀ ମତୀ ମିଶ୍ର ସଞ୍ଚାଯୋଜନା କରିଥିଲେ ଓ NSS ପ୍ରୋଗ୍ରାମ ଅଫିସର ଶ୍ରୀମତୀ ରଶ୍ମିତା ଭୁଜବଳ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା ସରସ୍ୱତୀ ପ୍ରଧାନ, ଅନ୍ୱେଷା ମହାନ୍ତି, ସୁଚିସ୍ମିତା ମିଶ୍ର, ବାଣି ବନ୍ଦନା ବିଶ୍ୱାଳ ଓ ଅଧ୍ୟାପକ କୃପାସିନ୍ଧୁ କରଣ,ବାପି ନାୟକ, ପବିତ୍ର ନନ୍ଦ, ଭୁବନେଶ୍ୱର ବେହେରା ଓ ଅନ୍ୟ କର୍ମଚାରୀ ବୃନ୍ଦ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ପ୍ରାୟ ୨୦୦ ଛାତ୍ରୀ ଓ ୫୦ ଜଣ ଯୁବ ରେଡକ୍ରସ୍ ଓ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ମାନେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।







BANAMAHOSTA


PLANTATION DRIVE


PLANTATIO
EK PED,MAA KE NAAM
Date- 17.09. 2026
YOUTH RED CROSS U
ayagarh Parajamandal Mahila


DRIVE
EK PED


PLANTATION
NAAM
Date-


ବନ
ଗଛଟିଏ
ସେବା ଯୋଜନା